# NATIONAL NEWS BULLETIN (ODIA)

## 02nd November - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଶ୍ରୀହରିକୋଟା ମହାକାଶ ଗବେଷଣା କେନ୍ଦ୍ରରୁ ଭାରତର ସବୁଠାରୁ ଭାରୀ ଉପଗ୍ରହ ସି.ଏମ୍.ଏସ୍.-୦୩ର ଆଜି ସଫଳ ଉତ୍କ୍ଷେପଣ ।
- ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍‌ଦାର ।
- ବିହାରରେ ସୁଶାସନ ସହ ବିକାଶ ସମ୍ଭବପର ହୋଇଛି; ନିର୍ବାଚନ ର୍ୟାଲିରେ ଉଦ୍‌ବୋଧନ ଦେଇ କହିଲେ ପ୍ରଧାନମନ୍ତ୍ରୀ ।
- ଆକାଶବାଣୀ ସଙ୍ଗୀତ ସମ୍ମିଳନୀର ୬୭ତମ ସଂସ୍କରଣ ଆଜିଠାରୁ ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଆରମ୍ଭ ।

ଏବଂ

- ତୃତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ପୁରୁଷ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୫ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ କଲା ପରାସ୍ତ ।

## ଇସ୍ରୋ - ସି.ଏମ୍.ଏସ୍.-୦୩

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରରୁ ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋ ଆଜି ଭାରତର ସବୁଠାରୁ ଭାରି ଯୋଗାଯୋଗ ଉପଗ୍ରହ ସି.ଏମ୍.ଏସ୍.-୦୩ (ଜିସାଟ୍-୭ଆର୍)ର ସଫଳ ଉତ୍କ୍ଷେପଣ  କରିଛି । ୪ ହଜାର ୪୧୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ଉପଗ୍ରହ ଉତ୍କ୍ଷେପଣ ଭାରତୀୟ ମହାକାଶ ବିଜ୍ଞାନ କ୍ଷେତ୍ରରେ ପ୍ରଥମ ବୋଲି କୁହାଯାଇଛି । ଭାରୀ ଉପଗ୍ରହର ସଫଳ ଉତ୍କ୍ଷେପଣ ଯୋଗୁଁ ଭାରତୀୟ ବୈଜ୍ଞାନିକଙ୍କ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ସି.ଏମ୍.ଏସ୍.-୦୩କୁ ଭାରତର ସବୁଠାରୁ ଶକ୍ତିଶାଳୀ ରକେଟ୍ ଏଲ୍.ଭି.ଏମ୍.-୩ ଲଞ୍ଚରରୁ ଉତ୍କ୍ଷେପଣ କରାଯାଇଛି । ନୌସେନାର ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ଦୂରଦୂରାନ୍ତ ଅଞ୍ଚଳରେ ଡିଜିଟାଲ୍ ସଂଯୋଗୀକରଣର ସଂପ୍ରସାରଣ ଏହି ଅଭିଯାନର ଲକ୍ଷ୍ୟ ରହିଛି ।  ଏହି ଉପଗ୍ରହ ଏକ ମଲ୍‌ଟି ବ୍ୟାଣ୍ଡ୍ ସାମରିକ ଯୋଗାଯୋଗ ପ୍ରଣାଳୀ, ଯାହା ଭଏସ୍, ଡାଟା ଏବଂ ଭିଡିଓ ଲିଙ୍କ୍ ପାଇଁ ଟ୍ରାନ୍ସପଣ୍ଡର ବହନ କରେ ।

## ଉତ୍ତରାଖଣ୍ଡ - ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତରାଖଣ୍ଡକୁ ଆଜିଠାରୁ ତିନିଦିନିଆ ଗସ୍ତକରି ଡେରାଡୁନ୍‌ର ରାଜପୁର ରୋଡ୍‌ରେ ଏକ ଫୁଟ୍ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଗୁର୍‌ମିତ ସିଂହ ଏବଂ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଉପସ୍ଥିତ ଥିଲେ ।

ଡେରଡୁନ୍‌ର ରାଷ୍ଟ୍ରପତି ନିକେତନଠାରେ ଆନ୍ତର୍ଜାତିକ ସାହିତ୍ୟ, ସଂସ୍କୃତି ଏବଂ କଳା ଉତ୍ସବରେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କ ସହ ମଧ୍ୟ ମତ ବିନିମୟ କରିଛନ୍ତି ।

ପୂର୍ବାହ୍ନରେ ରାଷ୍ଟପ୍ରତି ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ହେଲେ ଉଭୟ ଛାତ୍ରଛାତ୍ରୀଙ୍କର ସମାନ ଯୋଗଦାନ ରହିବା ଆବଶ୍ୟକ ବୋଲି କହିଥିଲେ ।

ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡେରାଡୁନ୍‌ରେ ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ଅବସରରେ ବିଧାନସଭାକୁ ସମ୍ବୋଧନ କରିବେ । ନୈନିତାଲ୍‌ଠାରେ ରାଜଭବନ ସ୍ଥାପନର ୧୨୫ ବର୍ଷ ପୂର୍ତ୍ତି ଉତ୍ସବରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ଦିନ ରାଷ୍ଟ୍ରପତି

କାଞ୍ଚିଧାମର ନିମ୍ କରୋଲି ବାବା ଆଶ୍ରମ ପରିଦର୍ଶନ କରିବା ସହ କୁମାଉଁ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ।

## ବିହାର କ୍ୟାମ୍ପେନ୍

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଲାଗି ପ୍ରଚାର କାର୍ଯ୍ୟ ଶେଷ ହେବାପାଇଁ ଆଉ ମାତ୍ର ୨ ଦିନ ବାକି ରହିଛି । ଏଣୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ଜୋରସୋର୍‌ରେ ଚାଲିଛି । ଉଭୟ ଏନ୍.ଡି.ଏ. ଏବଂ ମହାମେଣ୍ଟ ଦଳର ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନ ର୍‍ୟାଲିକୁ ସମ୍ବୋଧିତ କରୁଛନ୍ତି । ବି.ଜେ.ପି.ର ଷ୍ଟାର ପ୍ରଚାରକ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଟନାଠାରେ ଏକ ରୋଡ୍ ଶୋ' କାର୍ଯ୍ୟକ୍ରମରେ ଯୋଗଦେଇ ଏନ୍.ଡି.ଏ. ସପକ୍ଷରେ ଭୋଟ୍ ଦେବାଲାଗି ଭୋଟର୍‌ମାନଙ୍କୁ ନିବେଦନ କରୁଛନ୍ତି । ଦଶମ ଶିଖ୍ ଗୁରୁ ଗୁରୁ ଗୋବିନ୍ଦ ସିଂହ ମହାରାଜଙ୍କର ଜନ୍ମପୀଠ ପାଟନା ସ୍ଥିତ ତଖ୍ତ ଶ୍ରୀ ହରିମନ୍ଦିର ସାହିବଠାରେ ଶ୍ରୀ ମୋଦି  ପ୍ରାର୍ଥନା କରିଛନ୍ତି ।

ଶ୍ରୀ ମୋଦି କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ସମୟରେ ବିହାରରେ ସୁଶାସନ ପ୍ରତିଷ୍ଠା ହୋଇପାରିଛି, ଏହାଦ୍ୱାରା ପ୍ରତିଟି କ୍ଷେତ୍ରରେ ରାଜ୍ୟର ବିକାଶ ସମ୍ଭବପର ହୋଇପାରିଛି । ନୱାଡ଼ାଠାରେ ଆୟୋଜିତ ଏକ ନିର୍ବାଚନ

ର୍‍ୟାଲିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସମ୍ପ୍ରତି ଜନସାଧାରଣ ନିଜ ରାଜ୍ୟରେ ନିଯୁକ୍ତି ପାଇବେ । ସରକାର 'ମେଡ୍ ଇନ୍ ବିହାର'କୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ କହିଛନ୍ତି । ବିହାରକୁ ଏକ ବୃହତ୍ ନିର୍ମାଣକାରୀ କେନ୍ଦ୍ର ଭାବେ ଗଢ଼ିତୋଳିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଥିବା ଶ୍ରୀ ମୋଦି ସୂଚନା ଦେଇଛନ୍ତି, ଯାହାଫଳରେ ବିହାରରୁ ଉତ୍ପାଦିତ ସାମଗ୍ରୀ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରିବ ।

ବିହାରରେ ମହିଳାମାନଙ୍କ ଲାଗି ଅନେକ ବିକାଶମୂଳକ ଯୋଜନା ଗ୍ରହଣ କରାଯାଇଚି ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM)*** **:.........**

ସେହିପରି ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ବୈଶାଳୀ ଜିଲ୍ଲାର ମହୁଆଠାରେ ନିର୍ବାଚନ ର୍‍ୟାଲିରେ ଉଦ୍‌ବୋଧନ ଦେଇ କହିଛନ୍ତି, ବିହାରରେ ମୁଖ୍ୟମନ୍ତ୍ରୀ କିମ୍ବା ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ପାଇଁ କୌଣସି ପଦବି ଖାଲି ନାହିଁ । ତେଜସ୍ୱୀ ପ୍ରସାଦ ଯାଦବଙ୍କ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ତଥା ଜେ.ଡି,ୟୁ. ଅଧ୍ୟକ୍ଷ ନୀତିଶ କୁମାର ସହର୍ସା ଜିଲ୍ଲାର ସୋନବର୍ଷାଠାରେ ଏକ ନିର୍ବାଚନ ର୍‍ୟାଲିରେ କହିଛନ୍ତି, ଆ.ଜେ.ଡି. ଏବଂ କଂଗ୍ରେସ ଦଳର ଶାସନକାଳ ମଧ୍ୟରେ ବିହାରର ଅବସ୍ଥା ବହୁତ ଖରାପ ଥିଲା । ତାଙ୍କ ଦଳ ଶାସନ କ୍ଷମତାକୁ ଆସିବା ପରେ ରାଜ୍ୟର ବିକାଶ ଦିଗରେ

କାର୍ଯ୍ୟ କରାଯାଇଛି । ଏବେ ବିହାରରେ ଶାନ୍ତି ଏବଂ ସଦ୍‌ଭାବନାର ବାତାବରଣ ସୃଷ୍ଟି ହୋଇଛି ବୋଲି ନୀତିଶ କୁମାର କହିଛନ୍ତି ।

ଖଗାରିଆଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧି ମଧ୍ୟ ଆଜି ନିର୍ବାଚନ ପ୍ରଚାର କରିଛନ୍ତି ।

ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଛାପ୍ରାଠାରେ ନିର୍ବାଚନୀ ର୍‍ୟାଲିରେ ଯୋଗଦେଇ ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଯୋଗାଇ ଦେବାପାଇଁ ଅନୁରୋଧ କରିଛନ୍ତି ।

ସୂଚନାଯୋଗ୍ୟ, ଆସନ୍ତା ୬ ତାରିଖରେ ବିହାରର ୧୨୧ଟି ବିଧାନସଭା ନିର୍ବାଚନ ମଣ୍ଡଳି ଲାଗି ପ୍ରଥମ ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ ।

## ଆକାଶବାଣୀ ସଙ୍ଗୀତ ସମ୍ମେଳନ

ଆକାଶବାଣୀ ସଙ୍ଗୀତ ସମ୍ମିଳନୀର ୬୭ତମ ସଂସ୍କରଣ ଆଜିଠାରୁ ଦିଲ୍ଲୀ, ମୁମ୍ବାଇ ଏବଂ ଚେନ୍ନାଇରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଛି। ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଦେଶର ୨୪ଟି ସହରରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଦର୍ଶନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହଯୋଗରେ ଏହି କାର୍ଯ୍ୟକ୍ରମ ପ୍ରସାର ଭାରତୀ ଦ୍ୱାରା ଆୟୋଜିତ ହେଉଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କହିଛି, ୧୯୫୪ ମସିହାରେ ପ୍ରତିଷ୍ଠା ହେବା

ପରଠାରୁ ଆକାଶବାଣୀ ସଙ୍ଗୀତ ସମ୍ମିଳନୀ ଭାରତର ସବୁଠାରୁ ସ୍ଥାୟୀ ଏବଂ ସମ୍ମାନଜନକ ସାଂସ୍କୃତିକ ପରମ୍ପରା ଭାବେ ବଜାୟ ରହିଛି । ଏହା ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଓ ଲଘୁ ଏବଂ ଲୋକସଙ୍ଗୀତର ସର୍ବୋତ୍ତମ ଧାରାଗୁଡ଼ିକୁ ସାରା ଦେଶର ଦର୍ଶକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରିକଳ୍ପନା କରାଯାଇଥିଲା ।

ଭାରତର ସମୃଦ୍ଧ ସଙ୍ଗୀତ ଐତିହ୍ୟକୁ ସଂରକ୍ଷଣ, ପ୍ରଚାର ଏବଂ ଲୋକପ୍ରିୟ କରିବାରେ ଆକାଶବାଣୀ ସଙ୍ଗୀତ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ଭି.ପି. - ରୋହନ ବୋପାନ୍ନା

ଭାରତର ଟେନିସ୍ ଖେଳାଳି ରୋହନ ବୋପାନ୍ନା ତାଙ୍କର ବୃତ୍ତିଗତ ଟେନିସ୍ ଖେଳରୁ ଅବସର ଘୋଷଣା କରିବା ପରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣାନ୍' ଟେନିସ୍ କ୍ରୀଡ଼ାବିତ୍ ଭାବେ ତାଙ୍କର ସେବା ଏବଂ ଅବଦାନପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦୀର୍ଘ ଦୁଇ ଦଶନ୍ଧି ଧରି ବୋପାନ୍ନା ଟେନିସ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ବୋପାନ୍ନା ଜଣେ ପୁରାତନ ପୁରୁଷ ଗ୍ରାଣ୍ଡସ୍ଲାମ୍ ବିଜୟୀ ଏବଂ ପୁରୁଷ ଡବଲ୍ସ୍‌ରେ ବିଶ୍ୱର ୧ ନମ୍ବର ଖେଳାଳି ହୋଇ ଇତିହାସ ସୃଷ୍ଟି କରିଛନ୍ତି । ତାଙ୍କର ଏହି ସଫଳତା

ଆଗାମୀ ପିଢ଼ିପାଇଁ ପ୍ରେରଣା ଯୋଗାଇ ଦେବ ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି ।

## ଭି.ପି. - ଏସିଆନ୍ ୟୁଥ୍ ଗେମ୍ସ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏସୀୟ ଯୁବକ୍ରୀଡ଼ା-୨୦୨୫ ପ୍ରତିଯୋଗିତାରେ ଭାରତର ଉତ୍ତମ ପ୍ରଦର୍ଶନ ଯୋଗୁଁ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଭାରତ ପ୍ରତିଯୋଗିତାରେ ୧୩ଟି ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଏବଂ ୧୭ଟି କାଂସ୍ୟ ପଦକ ହାସଲ କରିଛି । ଯୁବ ପ୍ରତିଭାମାନଙ୍କୁ ସଶକ୍ତ କରିବା ଦିଗରେ ଭାରତର ସଙ୍କଳ୍ପକୁ ଏହି ସଫଳତା ଦୃଢ଼ୀଭୂତ କରିପାରିଛି ବୋଲି ସେ କହିଛନ୍ତି । ଆନ୍ତର୍ଜାତିକ କ୍ରୀଡ଼ାମଞ୍ଚରେ ଭାରତର ତ୍ରିରଙ୍ଗା ନିରନ୍ତର ଉଡ଼ିବାପାଇଁ ସେ କାମନା କରିଛନ୍ତି ।

## ପି.ଏମ୍. - ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' ଏସୀୟ ଯୁବକ୍ରୀଡ଼ା-୨୦୨୫ ପ୍ରତିଯୋଗିତାରେ ଭାରତ ୪୮ଟି ପଦକ ହାସଲ କରିଥିବାରୁ କ୍ରୀଡ଼ାବିତ୍‌ମାନଙ୍କୁ

ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଦେଶର ଯୁବ କ୍ରୀଡ଼ାବିତ୍‌ମାନେ ସେମାନଙ୍କର ସର୍ବୋତ୍କୃଷ୍ଟ ଦକ୍ଷତା ପ୍ରଦର୍ଶନ କରି କ୍ରୀଡ଼ାକ୍ଷେତ୍ରରେ ଇତିହାସ ସୃଷ୍ଟି କରିଛନ୍ତି । ଖେଳାଳିମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ, ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ଯୋଗୁଁ ଏହା ସମ୍ଭବପର ହୋଇପାରିଛି ବୋଲି ସେ କହିଛନ୍ତି । ସେ ସେମାନଙ୍କର ଆଗାମୀ ଭବିଷ୍ୟତରେ ଶ୍ରେଷ୍ଠତା ହାସଲପାଇଁ କାମନା କରିଛନ୍ତି । ଏସୀୟ ଯୁବକ୍ରୀଡ଼ା-୨୦୨୫ ଗତକାଲି ବାହାରିନ୍‌ଠାରେ ଶେଷ ହୋଇଛି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ଟି-ଟ୍ୱେଣ୍ଟି

ଅଷ୍ଟ୍ରେଲିଆର ହୋବାର୍ଟସ୍ଥିତ ବେଲ୍ଲେରିଭ୍ ଓଭାଲ୍‌ଠାରେ ଚାଲିଥିବା ତୃତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ପୁରୁଷ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଭାରତ ୯ଟି ବଲ୍ ବାକିଥାଇ ୫ ୱିକେଟ୍ ବିନିମୟରେ ଧାର୍ଯ୍ୟ ଲକ୍ଷ୍ୟ ୧୮୭ ରନ୍ କରି କରି ବିଜୟ ହାସଲ କରିଥିଲା । ୱାଶିଂଟନ ସୁନ୍ଦର ୨୩ଟି ବଲ୍‌ରେ ୪୯ ରନ୍ କରି ଅପରାଜିତ ରହି ଭାରତକୁ ବିଜୟ ପଥରେ ଆଗେଇ ନେଇଥିଲେ । ଅର୍ଶଦୀପ ସିଂହ ୪ଟି ଓଭର୍‌ରେ ୩ଟି ୱିକେଟ୍ ନେଇଥିଲେ । ଏହି ବିଜୟ ଫଳରେ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ରେ ୧-୧ ସ୍ଥିତିରେ ରହିଛି ।

ପୂର୍ବରୁ ଅଷ୍ଟ୍ରେଲିଆ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୮୬ ରନ୍ ସଂଗ୍ରହ କରିଥିଲା ।

## ୱିମେନ୍ କ୍ରିକେଟ ଫାଇନାଲ୍

ଆଇ.ସି.ସି. ମହିଳା ଏକଦିବସୀୟ ଅନ୍ତର୍ଜାତୀୟ ବିଶ୍ୱକପ୍ -୨୦୨୫ରେ ଭାରତ ଏବଂ ଦକ୍ଷିଣ ଆଫ୍ରକା ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଜାରି ରହିଛି । ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ ଏକାଡେମୀଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଭାରତୀୟ ଦଳ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୩୩ ଓଭରରେ ୩ ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରିଛି ।

ଦକ୍ଷିଣ ଆଫ୍ରିକା ଦଳ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାପାଇଁ ଆମନ୍ତ୍ରଣ କରିଥିଲା ।

*****